ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ବିଭାଗ
...

ଜ୍ଞାପକ ସଂଖ୍ୟା 51852 /ସା.ପ୍ର.ବି., ତାରିଖ 16 ଡିସେମ୍ବର ୧୯୯୪.

ପ୍ରେରକ: ଶ୍ରୀ ପ୍ରିୟବ୍ରତ ପଟ୍ଟନାୟକ,
ସ୍ୱତନ୍ତ୍ର ଶାସନ ସଚିବ ।

ପ୍ରାପ୍ତେଷୁ: ସମସ୍ତ ବିଭାଗୀୟ ପ୍ରମୁଖ ଶାସନ ସଚିବ /
କମିଶନର ତଥା ଶାସନ ସଚିବ /
ସ୍ୱତନ୍ତ୍ର ଶାସନ ସଚିବ ।

ବିଷୟ: ସରକାରୀ କର୍ମଚାରୀଙ୍କ ପୁନଃନିଯୁକ୍ତି ଓ ସ୍ୱତନ୍ତ୍ର ପଦବୀ ବା ସ୍ୱତନ୍ତ୍ର ଦାୟିତ୍ୱ ସମ୍ପାଦନ ପାଇଁ ଚୁକ୍ତି ଭିତ୍ତିକ ନିଯୁକ୍ତି ଉପରେ ସ୍ପଷ୍ଟିକରଣ ।

ମହାଶୟ,

ମୁଁ ନିର୍ଦ୍ଦେଶିତ ହୋଇ ଉପରୋକ୍ତ ବିଷୟରେ ସାର୍କୁଲାର ସଂଖ୍ୟା-5077 / ଜେ.ଏନ୍. ତା.7.3.୯୪ ରିଖ ପ୍ରତି ଦୃଷ୍ଟି ଆକର୍ଷଣ କରି ଜଣାଉ ଅଛି ଯେ, ଗତ ତା.୧୬.୧୧.୯୪ ରିଖରେ ପୁନଃନିଯୁକ୍ତି ଓ ଚୁକ୍ତି ଭିତ୍ତିକ ନିଯୁକ୍ତି ଉପରେ ମନ୍ତ୍ରୀ ପରିଷଦ ନେଇଥିବା ନିଷ୍ପତ୍ତି ପରିପ୍ରେକ୍ଷୀରେ ନିମ୍ନୋକ୍ତ ସ୍ପଷ୍ଟିକରଣ ଆପଣଙ୍କ ଦୃଷ୍ଟିକୁ ଆଣୁଅଛି ।

ସରକାରୀ କର୍ମଚାରୀ ମାନଙ୍କ ଅବସର ପରେ କାର୍ଯ୍ୟରେ ପୁନଃନିଯୁକ୍ତି ଭିତ୍ତିରେ ରଖିବା ସଂକ୍ରାନ୍ତରେ ବିଭିନ୍ନ ସମୟରେ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଛି । ମୁଖ୍ୟତଃ ଏଭଳି ପୁନଃନିଯୁକ୍ତି ପ୍ରଶାସନର ଆବଶ୍ୟକତାକୁ ଦୃଷ୍ଟିରେ ରଖି କରିବା ପାଇଁ ନିର୍ଦ୍ଦେଶ ରହିଛି । ଏ ସଂକ୍ରାନ୍ତରେ ସର୍ବଶେଷ ନିର୍ଦ୍ଦେଶାବଳୀ ସାଧାରଣ ପ୍ରଶାସନ ବିଭାଗର ପତ୍ର ସଂଖ୍ୟା-5077 ତା.7.3.୯୪ ରିଖରେ ଜାରି କରାଯାଇ ଥିଲା । ଉକ୍ତ ନିର୍ଦ୍ଦେଶାବଳୀ ମନ୍ତ୍ରୀ ପରିଷଦର ତା.୧4.2.୯3 ରିଖ ବୈଠକରେ ନିଆଯାଇଥିବା କ୍ରମିକ ସଂଖ୍ୟା-22 ନିଷ୍ପତ୍ତି ଭିତ୍ତିରେ ଜାରି କରାଯାଇ ଥିଲା ।

ସାଧାରଣତଃ ଅବସର ନେଲା ପରେ ଜଣେ ସରକାରୀ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯିବା ଯଥାର୍ଥ ନୁହେଁ । କିନ୍ତୁ କାର୍ଯ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯଥାର୍ଥ କ୍ଷେତ୍ରରେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ତାଙ୍କର ପଦବୀ ବା ସମ୍ବର୍ଗର ଅନ୍ୟ ପଦବୀରେ ପୁନଃନିଯୁକ୍ତି ଦିଆଯିବା ପାଇଁ ସରକାରୀ ନୀତି ସବୁବେଳେ ଗୃହିତ ହୋଇ ରହିଛି ଓ ତଦନୁଯାୟୀ ପୁନଃନିଯୁକ୍ତି ଦିଆଯାଉଛି । ମନ୍ତ୍ରୀ ପରିଷଦର ଉପରୋକ୍ତ ନିଷ୍ପତ୍ତି ଏଭଳି ନିଯୁକ୍ତି ପାଇଁ ପୂର୍ଣ୍ଣ କ୍ଷମତା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି ।

ସରକାରଙ୍କର କୌଣସି ସ୍ୱତନ୍ତ୍ର କାର୍ଯ୍ୟ ସମ୍ପାଦନ ବା ଦାୟିତ୍ୱ ତୁଲାଇବା ନିମନ୍ତେ ଉପଯୁକ୍ତ ଦକ୍ଷତା ଥିବା ବ୍ୟକ୍ତିଙ୍କୁ ଠିକା ଭିତ୍ତିରେ ନିଯୁକ୍ତି କରିବାର ଆବଶ୍ୟକତା ବିଭିନ୍ନ ସମୟରେ ଉପୁଜିଥାଏ ଓ ଏଭଳି ନିଯୁକ୍ତି ନିମନ୍ତେ ସରକାରଙ୍କର କ୍ଷମତା ରହିଛି ଏବଂ ଏଥିପାଇଁ କୌଣସି କଟକଣା ରଖାଯାଇ ନାହିଁ । ଏଭଳି ନିଯୁକ୍ତି କଲାବେଳେ ସମ୍ପୃକ୍ତ ବ୍ୟକ୍ତି କୌଣସି ଅନ୍ୟ ସଂସ୍ଥାର କର୍ମଚାରୀ ହୋଇ ପାରନ୍ତି ବା ଜଣେ ପେଶାଦାରୀ ବ୍ୟକ୍ତି ହୋଇପାରନ୍ତି କିମ୍ବା ସେ ଆଗରୁ ସରକାରୀ ଚାକିରୀରୁ ଅବସର ନେଇଥିବା ବ୍ୟକ୍ତି ମଧ୍ୟ ହୋଇପାରନ୍ତି । ଏଭଳି ବ୍ୟକ୍ତିଙ୍କୁ କୌଣସି ସ୍ୱତନ୍ତ୍ର ବିଷୟରେ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଯୁକ୍ତି ଦେଲାବେଳେ, ସରକାରୀ କର୍ମଚାରୀଙ୍କୁ ଅବସର ପରେ ତାଙ୍କ କାର୍ଯ୍ୟରେ

ଅ.ପ.ଦେ.
..2.

ରଖିବା ପାଇଁ ଥିବା ନୀତି ନିୟମ ପ୍ରଯୁଜ୍ୟ ନୁହେଁ । ଏଭଳି ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସଂପୂର୍ଣ୍ଣ କ୍ଷମତା ରହିଛି ଏବଂ ମନ୍ତ୍ରୀମଣ୍ଡଳର ପୂର୍ବ ନିଷ୍ପତ୍ତି ଏ କ୍ଷମତାକୁ କୌଣସିମତେ ସଂକୁଚିତ କରିବା ପାଇଁ ଉଦ୍ଦିଷ୍ଟ ନଥିବା ସୁସ୍ପଷ୍ଟ ।ଭବିଷ୍ୟତରେ ଏ ସଂକ୍ରାନ୍ତରେ କୌଣସି ସନ୍ଦେହର ଅବକାଶ ନ ରହିବା ପାଇଁ ନିମ୍ନମତେ ସ୍ପଷ୍ଟୀକରଣ ଜାରି କରାଯାଉଛି ।

(କ) ରାଜ୍ୟ ସରକାରଙ୍କ କର୍ମଚାରୀମାନଙ୍କ ଅବସର ପରେ ତାଙ୍କ ପଦବୀରେ କିମ୍ବା ସଂବର୍ଗର ଅନ୍ୟ ପଦବୀରେ ନିଯୁକ୍ତି :–

(I) ସାଧାରଣତଃ ଅବସର ପରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ପୁନଃନିଯୁକ୍ତି କରିବା ଉଚିତ ନୁହେଁ । କିନ୍ତୁ ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ କୌଣସି କ୍ଷେତ୍ରରେ ଯଦି ସଂପୃକ୍ତ ବିଭାଗ କୌଣସି ସରକାରୀ କର୍ମଚାରୀଙ୍କ ଅବସର ପରେ କାର୍ଯ୍ୟରେ ରଖିବା ପାଇଁ ଉଚିତ୍ ମନେ କରନ୍ତି, ତାହାହେଲେ ସେଭଳି ପ୍ରସ୍ତାବ ଯଥାର୍ଥତାସହ ଅର୍ଥ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗଙ୍କ ସହମତ ଆଣି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପେଶ୍ କରିବେ ଓ ମୁଖ୍ୟମନ୍ତ୍ରୀ ସମସ୍ତ ବିଷୟ ବିଚାରକୁ ନେଇ ଉପଯୁକ୍ତ ନିଷ୍ପତ୍ତି ନେବେ ।

(II) ଏଭଳି ପୁନଃନିଯୁକ୍ତି ୬୦ ବର୍ଷ ବୟସ ପରେ ଦେବା ଉଚିତ୍ ହେବ ନାହିଁ ।

(III) ପୁନଃନିଯୁକ୍ତି ଏକକାଳୀନ ଏକ ବର୍ଷରୁ ଅଧିକ ସମୟ ପାଇଁ ଦିଆଯିବ ନାହିଁ । ଆବଶ୍ୟକ ସ୍ଥଳେ ଆଉ ଏକ ବର୍ଷ ବର୍ଦ୍ଧିତ କରାଯାଇ ୬୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ପାରେ ।

(ଖ) ଠିକା ଭିତ୍ତିରେ କୌଣସି ସ୍ୱତନ୍ତ୍ର ପଦବୀରେ କିମ୍ବା କୌଣସି ସ୍ୱତନ୍ତ୍ର ଦାୟିତ୍ୱ ସଂପାଦନ ପାଇଁ ନିଯୁକ୍ତି :–

(I) ଏଭଳି ନିଯୁକ୍ତି କ୍ଷେତ୍ରରେ ଉପରୋକ୍ତ ବୟସ ସଂକ୍ରାନ୍ତୀୟ ଓ ଅନ୍ୟାନ୍ୟ କଟକଣା ଲାଗୁ ହେବ ନାହିଁ ।

(II) ଏଭଳି ନିଯୁକ୍ତି କଲାବେଳେ, ଜଣେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ମଧ୍ୟ ଏଥିପାଇଁ ଯୋଗ୍ୟତା ଥିଲେ ବିଚାର କରାଯାଇ ପାରେ ।

(III) ଏଭଳି ନିଯୁକ୍ତି କ୍ଷେତ୍ରରେ ନିଯୁକ୍ତିର ସର୍ତ୍ତାବଳୀ ସଂପୃକ୍ତ ବ୍ୟକ୍ତି ଓ ସରକାରଙ୍କ ମଧ୍ୟରେ ବୁଝାମଣାମତେ ସ୍ଥିରୀକୃତ ହେବ ।

(I  ) ଏଭଳି ନିଯୁକ୍ତି ସାଧାରଣ ପ୍ରଶାସନ ବିଭାଗ ଓ ଅର୍ଥ ବିଭାଗଙ୍କ ସହମତି ନିଆଯାଇ ମୁଖ୍ୟମନ୍ତ୍ରୀଙ୍କ ଆଦେଶ ଅଣାଯିବାପରେ କରାଯାଇ ପାରିବ ।

ଏଠାରେ ସୂଚାଇ ଦିଆଯାଇପାରେ ଯେ, କେତେକ ସ୍ୱତନ୍ତ୍ର ପଦବୀ / ସ୍ୱତନ୍ତ୍ର ଦାୟିତ୍ୱ ସଂପାଦନା ପାଇଁ ଠିକା ଭିତ୍ତିରେ କେତେକ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆଦେଶମତେ ଇତି ମଧ୍ୟରେ ନିଯୁକ୍ତି ଦିଆଯାଇଛି । ଯେହେତୁ ତା.୭.୩.୯୪ ରିଖରେ ସାଧାରଣ ପ୍ରଶାସନ ବିଭାଗ ଜାରି କରିଥିବା ନିର୍ଦ୍ଦେଶାବଳୀ ଏଭଳି ସ୍ୱତନ୍ତ୍ର ନିଯୁକ୍ତି ନିମନ୍ତେ ଉଦ୍ଦିଷ୍ଟ ନଥିଲା ଓ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ କ୍ଷମତା ମନ୍ତ୍ରୀ ପରିଷଦ ତାଙ୍କର ତା.14.୨.୯୩ ରିଖର ନିଷ୍ପତ୍ତିରେ ପ୍ରଦାନ କରିଥିଲେ, ତେଣୁ ସେଭଳି ନିଯୁକ୍ତି କ୍ଷେତ୍ରରେ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶାବଳୀରେ ଦର୍ଶାଯାଇଥିବା ବୟସ ଓ ଅନ୍ୟାନ୍ୟ କଟକଣା ଗୁଡିକ ପ୍ରଯୁଜ୍ୟ ନୁହେଁ ଏବଂ ଏ ନିଯୁକ୍ତି ଗୁଡିକ ପ୍ରଶାସନିକ ଆବଶ୍ୟକତା ଭିତ୍ତିରେ କରାଯାଇଛି ।

ଏହି ସ୍ପଷ୍ଟୀକରଣ ଅର୍ଥ ବିଭାଗର ୟୁ.ଆଇ. ସଂଖ୍ୟା–୩10 ସି.ଏସ୍.III ତା.15.୯.୯୪ ରିଖରେ ସମ୍ମତିଲାଭ କରିଛି ।

ଇତି,

ଆପଣଙ୍କର ବିଶ୍ୱସ୍ତ,

ସ୍ୱତନ୍ତ୍ର ଶାସନ ସଚିବ

...